# ମୂର୍ତ୍ତି

- **ନୀଳାମ୍ବର ରଥ**

ମଣିଷ ଭିତରେ ମୂର୍ତ୍ତି
ମୂର୍ତ୍ତି ଭିତରେ ମଣିଷ ।
ମୁହୁର୍ତ୍ତକରେ ମୂର୍ତ୍ତି
ମୁହୁର୍ତ୍ତକରେ ମଣିଷ ।

ନିର୍ମେଘ ଜହ୍ନରାତିରେ
ଝରକା ବାହାରର ମୂର୍ତ୍ତି
ରୂପାନ୍ତର ନିଏ ବାରମ୍ବାର ।
ଆଖି ଖୋଲିଲେ-
ମୂର୍ତ୍ତିମୟ,
ଆଖି ମୁଦିଲେ, ସାମନାରେ
ଗୋଟାପଣ ତମେ,
ତମ ନିଟୋଳ ମାର୍ବଲ ଦେହ ।

ମଣିଷ ଓ ମୂର୍ତ୍ତି ଭିତରେ
କେତେ ଫରକ?
ରକ୍ତ ମାଂସର ମଣିଷ
ନିର୍ଜୀବ ନିସ୍ପନ୍ଦ ମୂର୍ତ୍ତି ।
ସ୍ମୃତିର ଥିର ପାଣିରେ

ଆବେଗର ତରଙ୍ଗଟାଏ ଉଠିଲେ
ମୁହୁର୍ତ୍ତକରେ
ମୂର୍ତ୍ତି ପାଲଟେ ମଣିଷ ।

ପ୍ରବାସୀ ପୁଅ ପାଇଁ
ମା'ର ଅପେକ୍ଷାର ଆଖି
ୱାର୍ଲଡ ଟ୍ରେଡ୍ ସେଣ୍ଟରରେ
ହଜିଯାଇଥିବା ସ୍ୱାମୀ ଲାଗି
ଯୁବତୀର ଅନିଶା
ତମ ସ୍ପର୍ଶ ଲାଗି
ମୋର ଆକୁଳତା–
ମୂର୍ତ୍ତି ଦେହରେ ଆଣିଦିଏ
ରକ୍ତ, ମାଂସ, ଲୁହ ଓ ଆବେଗ ।

ଝରକା ସେପାରିର ମୂର୍ତ୍ତି ଭିତରେ
ତମେ ଗୋଟାପଣ ।
ସେଇ ହସ, ସେଇ ଦୁଷ୍ଟାମୀ
ଓଲଟା ମୁଁ ମୂର୍ତ୍ତି ପାଲଟିଯାଉଛି
ତମ ଆଗରେ ।

www.nilambarrath.com, Email: rath.nilambar@gmail.com